# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 135 CUTTACK, WEDNESDAY, JANUARY 16, 2019/PAUSA 26, 1940**


## ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତାରିଖ 13 ନଭେମ୍ବର 2018

No. 1147—L.A.I.-83/2018—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା ମୁଟୁରିଗାଡିଆ, ଥାନା ପାଲଲହଡ଼ା ନଂ. ୬୯, ତହସିଲ ପାଲଲହଡା, ଜିଲ୍ଲା ଅନୁଗୋଳରେ ନିମ୍ନ ତଫସିଲମତେ ପ୍ରାୟ 1.560 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳପଥ, ଅନୁଗୋଳ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study vide No. 36761, dated the 28th September 2018 ଦ୍ରଷ୍ଟବ୍ୟ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ପାଲଲହଡା ।

୬ । ଜମିର ବିବରଣୀ – ଏଥିସହିତ ସଂଲଗ୍ନ କରାଗଲା ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ପାଲଲହଡା | ମୁଟୁରିଗାଡିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ୧.୫୬୦ ଏକର | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

| ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| | | | | | ଏକର | ଏକର | |
| ମୁଚୁରିଗାଡିଆ | ନିଜିଗଡ | ୧ | ୪୭ | ତଇଲା ଦୁଇ | ୦.୩୦୦ | ୦.୩୦୦ | ଅର୍ଜୁନ ଖାନ୍ଦିଆ, ପଞ୍ଚୁ ଖାନ୍ଦିଆ, ଗଣ ଖାନ୍ଦିଆ, ସୁନଗୋଟି ଖାନ୍ଦିଆ, ବୁଧେଇ ଖାନ୍ଦିଆ, ଝାରି ଖାନ୍ଦିଆ,କୋବି ଖାନ୍ଦିଆ, ପି. ଦାଶିଆ ଖାନ୍ଦିଆ, ଗୁରୁବାରୀ ଖାନ୍ଦିଆ, ସ୍ୱା. ଦାଶିଆ ଖାନ୍ଦିଆ, ଜା. କୋହ୍ଲ, ବା. ନିଜଗାଁ । |
| | | ୨ | ୫୦/୩୨୧ | ଶାରଦ ଜଳ ଏକ | ୧.୧୪୦ | ୦.୧୬୦ | ଇନ୍ଦ୍ରମଣି ମାହାନ୍ତ, ଶ୍ୟାମ ସୁନ୍ଦର ମାହାନ୍ତ, ମକୁରୁ ମାହାନ୍ତ, ପି. ରଞ୍ଜିତ ମାହାନ୍ତ, ଜାନ ମାହାନ୍ତ, ସ୍ୱା. ରଞ୍ଜିତ ମାହାନ୍ତ, ଜା. ମାହାନ୍ତ, ବା. ନିଜଗାଁ । |
| | | | ୫୧ | ଶାରଦ ଜଳ ଏକ | ୦.୬୮୦ | ୦.୪୩୦ | |
| | | | ୫୬ | ଶାରଦ ଜଳ ଏକ | ୦.୩୬୦ | ୦.୨୪୦ | |
| | | ୪୬/୬୩ | ୪୨ | ଶାରଦ ତିନି | ୦.୩୮୦ | ୦.୩୮୦ | ସୁଦାମ ନାଏକ, ତପେଶ୍ୱର ନାଏକ, ପି. ଇନ୍ଦ୍ର ନାଏକ, ଜା. ପାଣ, ବା. ପାଳଲହଡା । |
| | | ୪୬/୮୯ | ୬୦ | ଶାରଦ ତିନି | ୦.୮୦୦ | ୦.୦୫୦ | ଶ୍ରୀମତୀ ତ୍ରୈଲୋକ୍ୟ ମଞ୍ଜରୀ ଆଚାର୍ଯ୍ୟ, ସ୍ୱା. ଉମେଶ ଚନ୍ଦ୍ର ଆଚାର୍ଯ୍ୟ, ଜା. ବ୍ରାହ୍ମଣ, ବା. ପାଳଲହଡା । |
| | | | | **ମୋଟ ..** | **୩.୬୬୦** | **୧.୫୬୦** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅନିଲ କୁମାର ସାମଲ**

ଜିଲ୍ଲାପାଳ, ଅନୁଗୋଳ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2086–173+15